**ଓଡିଶା ସରକାର**

**ପର୍ଯ୍ୟଟନ ବିଭାଗ**

# **ବିଜ୍ଞାପନ**

## **ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା**

ରାଜ୍ୟର ବରିଷ୍ଠ ନାଗରିକ ମାନଙ୍କୁ ଦେଶର ବିଭିନ୍ନ ତୀର୍ଥ ସ୍ଥାନ ଭ୍ରମଣର ସୁବିଧା ନିମନ୍ତେ ରାଜ୍ୟ ସରକାର "ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା" ପ୍ରଣୟନ କରିଅଛନ୍ତି । ଏହି ଯୋଜନା ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ଇଣ୍ଡିଆନ ରେଲୱେ କ୍ୟାଟରିଙ୍ଗ ଏବଂ ଟୁରିଜିମ କର୍ପୋରେସନ (IRCTC)ର ସହଯୋଗରେ କାର୍ଯ୍ୟକାରୀ ହେଉଅଛି । ଉକ୍ତ ଯୋଜନାର ସମ୍ପୂର୍ଣ୍ଣ ବିବରଣୀ ପର୍ଯ୍ୟଟନ ବିଭାଗ ୱେବସାଇଟ www.dot.odishatourism.gov.in ରେ ଉପଲବ୍ଧ । ଏହି ଯୋଜନାରେ ସୁବିଧା ପାଇବା ପାଇଁ ରାଜ୍ୟ ସରକାର ନିମ୍ନଲିଖିତ ମାନଦଣ୍ଡ ନିର୍ଦ୍ଧାରଣ କରିଅଛନ୍ତି । ଯୋଗ୍ୟ ବରିଷ୍ଠ ନାଗରିକମାନେ ଜୀବନକାଳ ମଧ୍ୟରେ ଗୋଟିଏ ଥର ପାଇଁ ଯାତ୍ରା କରିବାର ସୁଯୋଗ ପାଇବେ ।

**୧. ଯୋଗ୍ୟତା-**

(କ) ଇଚ୍ଛୁକ ତୀର୍ଥଯାତ୍ରୀମାନେ ୬୦ବର୍ଷରୁ ଉର୍ଦ୍ଧ୍ୱ ଏବଂ ୭୫ବର୍ଷରୁ କମ୍ ତଥା ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

(ଖ) ଆର୍ଥିକ ଦୁର୍ବଳ ଶ୍ରେଣୀ/ ଦାରିଦ୍ର୍ୟ ସୀମାରେଖାର ତଳେ ରହୁଥିବା ବରିଷ୍ଠ ନାଗରିକ ମାନଙ୍କୁ ଗସ୍ତ ଖର୍ଚ୍ଚର ସମ୍ପୂର୍ଣ୍ଣ ରିହାତିର ବ୍ୟବସ୍ଥା କରାଯାଇଅଛି ।

(ଗ) ୭୦ ରୁ ୭୫ ବୟସ ପର୍ଯ୍ୟନ୍ତ ବରିଷ୍ଠ ନାଗରିକମାନେ ଯାତ୍ରା ସମୟରେ ସେମାନଙ୍କ ସଙ୍ଗରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଜଣେ ବ୍ୟକ୍ତିଙ୍କୁ ସହାୟକ ଭାବରେ ନେଇପାରିବେ । ସହାୟକ ବାବଦରେ ସମ୍ପୃକ୍ତ ବରିଷ୍ଠ ନାଗରିକଙ୍କୁ ଗସ୍ତ ଖର୍ଚ୍ଚର ୫୦ ଭାଗ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପର୍ଯ୍ୟଟନ ନିର୍ଦ୍ଦେଶକ, ଭୁବନେଶ୍ୱର ନାମରେ ଦରଖାସ୍ତ ସହ ଦାଖଲ କରିବେ ।

(ଘ) ଆୟକର ଦେଉଥିବା ବରିଷ୍ଠ ନାଗରିକ ମାନେ ଏହି ଯୋଜନାର ପରିସରଭୁକ୍ତ ନୁହଁନ୍ତି ।

(ଙ) ଇଚ୍ଛୁକ ବରିଷ୍ଠ ନାଗରିକମାନେ ଏଥିସହ ସଂଲଗ୍ନ ନିର୍ଦ୍ଧାରିତ ଫର୍ମ, ଫଟୋଗ୍ରାଫ, ସ୍ଥାୟୀ ଠିକଣାର ପ୍ରମାଣପତ୍ର, ଆଧାର କାର୍ଡ଼, ବୟସର ପ୍ରମାଣପତ୍ରର ନକଲ ତଥା ଆର୍ଥୀକ ଦୁର୍ବଳ ଶ୍ରେଣୀ ସଂକ୍ରାନ୍ତୀୟ ପ୍ରମାଣପତ୍ର ସହ ନିଜ ଜିଲ୍ଲାର ପର୍ଯ୍ୟଟନ / ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ।

(ଚ) ଇଚ୍ଛୁକ ତୀର୍ଥ ଯାତ୍ରୀ ଦୂରଯାତ୍ରା ପାଇଁ ଶାରିରୀକ ଏବଂ ମାନସିକ ଭାବେ ସୁସ୍ଥ ହୋଇଥିବେ । ସେ କୌଣସି ସଂକ୍ରାମକ ରୋଗ ଯଥା- ଯକ୍ଷ୍ମା, କୁଷ୍ଠ, ଶ୍ୱାସଜନିତ ରୋଗ ଓ ହୃଦରୋଗ ଇତ୍ୟାଦି ଦ୍ୱାରା ଆକ୍ରାନ୍ତ ହୋଇନଥିବେ ।

**୨. ଆବେଦନ ପ୍ରଣାଳୀ**

(କ) ଆବେଦନ ଫର୍ମ ଜିଲ୍ଲାପାଳ, ଜିଲ୍ଲା ପର୍ଯ୍ୟଟନ ଓ ବ୍ଲକ ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ପର୍ଯ୍ୟଟନ ବିଭାଗର ୱେବସାଇଟ www.dot.odishatourism.gov.in ରେ ଉପଲବ୍ଧ ।

(ଖ) ଆବେଦନକାରୀ ଉକ୍ତ ଆବେଦନ ଫର୍ମକୁ ସମ୍ପୂର୍ଣ୍ଣ ରୂପେ ପୂରଣ କରି ଏବଂ ଏଥି ସହିତ ସଂପୃକ୍ତ ପ୍ରମାଣପତ୍ର ସଂଲଗ୍ନ କରି ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ/ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୮ **ନଭେମ୍ବର ୨୦୧୯** ସୁଦ୍ଧା ବ୍ୟକ୍ତିଗତଭାବେ କିମ୍ବା ଡ଼ାକଯୋଗେ ଦାଖଲ କରିବେ ।

**୩. ଚୟନ ପ୍ରଣାଳୀ**

(କ) ଦରଖାସ୍ତକାରୀଙ୍କ ଠାରୁ ଦରଖାସ୍ତ ଗ୍ରହଣ କଲା ପରେ ସଂପୃକ୍ତ ଟୁରିଷ୍ଟ ଅଫିସର ଦରଖାସ୍ତ ଗୁଡ଼ିକୁ ତନଖି କରି ଦରଖାସ୍ତଗୁଡ଼ିକରେ ଜିଲ୍ଲାକୋଡ ଏବଂ କ୍ରମିକ ସଂଖ୍ୟା ପ୍ରଦାନ କରିବେ । ପ୍ରତ୍ୟେକ ଜିଲ୍ଲାପାଇଁ ଉଦ୍ଦିଷ୍ଟ ତିର୍ଥଯାତ୍ରୀଙ୍କର ସଂଖ୍ୟା ଠାରୁ ଅଧିକ ଆବେଦନକାରୀ ସ୍ଥଳେ ସଂପୃକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଲଟେରୀ ମାଧ୍ୟମରେ ତୀର୍ଥଯାତ୍ରୀ ଚୟନ କରାଯିବ ଏବଂ ବଛାଯାଇଥିବା ତୀର୍ଥ ଯାତ୍ରୀଙ୍କୁ ସେମାନଙ୍କ ଠିକଣାରେ ଜଣାଇଦିଆଯିବ ।

(ଖ) ଚଳିତ ଆର୍ଥିକ ବର୍ଷରେ ନିମ୍ନଲିଖିତ ସ୍ଥାନମାନଙ୍କରୁ ୪ ଟି ଟ୍ରେନ ବିଭିନ୍ନ ତୀର୍ଥସ୍ଥାନକୁ ଯାତ୍ରା କରିବ ।

| କ୍ର. ସଂ | ପ୍ରାରମ୍ଭ ଷ୍ଟେସନ | ଜିଲ୍ଲା | ଯାତ୍ରା ବିବରଣୀ | ଯାତ୍ରା ଅବଧି | ଜଣପିଛା ଯାତ୍ରାଖର୍ଚ୍ଚ | ଯାତ୍ରାଆରମ୍ଭର ସମ୍ଭାବ୍ୟ ତାରିଖ |
|---|---|---|---|---|---|---|
| ୧. | ବାଲେଶ୍ୱର | ଯାଜପୁର, ବାଲେଶ୍ୱର, ଭଦ୍ରଖ, ମୟୂରଭଞ୍ଜ ଓ କେନ୍ଦୁଝର | ହରିଦ୍ୱାର-ଋଷିକେଶ | ୬ ଦିନ | ୧୩୫୦୦ | ନଭେମ୍ବର ୨୦୧୯ ଦ୍ୱିତୀୟ ସପ୍ତାହ |
| ୨. | ସମ୍ବଲପୁର | ସମ୍ବଲପୁର, ଅନୁଗୁଳ, ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି , ଝାରସୁଗୁଡ଼ା, ଦେବଗଡ଼ ଓ ନୂଆପଡ଼ା | ଆଗ୍ରା- ମଥୁରା- ବୃନ୍ଦାବନ | ୫ ଦିନ | ୧୧୨୫୦ | ନଭେମ୍ବର ୨୦୧୯ ଚତୁର୍ଥ ସପ୍ତାହ |
| ୩. | ଭୁବନେଶ୍ୱର | କଟକ, ଖୋର୍ଦ୍ଧା, ପୁରୀ , କେନ୍ଦ୍ରାପଡ଼ା, ଜଗତସିଂହପୁର, ଢେଙ୍କାନାଳ ଓ ନୟାଗଡ଼ | ଆହ୍ଲାବାଦ- ବାରଣାସୀ | ୫ ଦିନ | ୧୧୨୫୦ | ଡ଼ିସେମ୍ବର ୨୦୧୯ ଦ୍ୱିତୀୟ ସପ୍ତାହ |
| ୪. | ବ୍ରହ୍ମପୁର | ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, କୋରାପୁଟ, ରାୟଗଡ଼ା, ମାଲକାନଗିରି ଓ ନବରଙ୍ଗପୁର | ରାମେଶ୍ୱରମ୍- ମଦୁରାଇ-ତିରୁପତି | ୭ ଦିନ | ୧୫୭୫୦ | ଜାନୁୟାରୀ ୨୦୨୦ ପ୍ରଥମ ସପ୍ତାହ |

**ବିଦ୍ର – ୧) ଉପରୋକ୍ତ ଜିଲ୍ଲାର ଆବେଦନକାରୀମାନେ କେବଳ ସେହି ଜିଲ୍ଲା ଲାଗି ଉଦ୍ଦିଷ୍ଟ ଥିବା ତୀର୍ଥସ୍ଥାନକୁ ଯାତ୍ରା କରିପାରିବେ ।**

**୨) ପୂର୍ବରୁ ଉକ୍ତ ଯୋଜନାରେ ଯାତ୍ରା କରିଥିବା ତିର୍ଥଯାତ୍ରୀ ପୁର୍ନବାର ଯାତ୍ରା କରିବାର ସୁବିଧା ପାଇବେ ନାହିଁ ।**

**୩) ପ୍ରତ୍ୟେକ ପ୍ରାରମ୍ଭ ଷ୍ଟେସନ ଠାରୁ ଯାତ୍ରା କରୁଥିବା ତୀର୍ଥଯାତ୍ରୀ ଟ୍ରେନ୍‌ର ସମ୍ଭାବ୍ୟ ତାରିଖ ବିଜ୍ଞାପନ ମାଧମରେ ଜଣାଇ ଦିଆଯିବ ।**

(ଗ) ଚୟନ କରାଯାଇଥିବା ତୀର୍ଥଯାତ୍ରୀମାନେ ନିଜ ବାସସ୍ଥାନରୁ ଟ୍ରେନର ଆରମ୍ଭ ଷ୍ଟେସନରେ ପହଞ୍ଚିବା ଏବଂ ଯାତ୍ରାପରେ ନିଜ ବାସସ୍ଥାନକୁ ଫେରିବା ବାବଦରେ ଗସ୍ତଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ।

(ଘ) ଯାତ୍ରୀମାନେ କେବଳ ଶୟନ ଶ୍ରେଣୀ (2nd Class Sleeper) ଯାତ୍ରା କରିପାରିବେ ।

**୪. ଯାତ୍ରୀମାନଙ୍କୁ ଯାତ୍ରାକାଳୀନ ସୁବିଧା -**

(କ) ଯାତ୍ରୀମାନଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ଏକ ସ୍ୱତନ୍ତ୍ର ଟ୍ରାଭେଲ କିଟ୍ (ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ) ଏବଂ ପରିଚୟ ପତ୍ର ଯୋଗାଇ ଦିଆଯିବ ।

(ଖ) ଟ୍ରେନ ଯାତ୍ରା ସମୟରେ ଯାତ୍ରୀମାନଙ୍କୁ ସକାଳ ଏବଂ ସଂନ୍ଧ୍ୟାରେ ଜଳପାନ, ନିରାମିଷ ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନର ବ୍ୟବସ୍ଥା ସହିତ ରେଳ ଷ୍ଟେସନରୁ ତୀର୍ଥସ୍ଥାନକୁ ନେବା ଓ ଆଣିବା ପାଇଁ ପରିବହନ ବ୍ୟବସ୍ଥା ସରକାରଙ୍କ ଦ୍ୱାରା କରାଯାଇଅଛି ।

**ନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗ,**

**ଓଡିଶା ସରକାର**